## ସଂକ୍ଷେପରେ

### ବାପୁଜୀ କଲେଜ ଛାତ୍ରଙ୍କୁ କ୍ରୀଡ଼ା ସମ୍ମାନ

ଛେଣ୍ଡିପଦା,୧୨।୧୧(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ବାପୁଜୀ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ସ୍ୱାଧୀନ କୁମାର ସାମଲଙ୍କୁ ଅଡଶପୁର ଉଦୟନାଥ କଲେଜଠାରେ ଆୟୋଜିତ ବିଶ୍ୱ ବିଦ୍ୟାଳୟସ୍ତରରେ ଆନ୍ତଃକଲେଜ ଖେଳକୁଦ ପ୍ରତିଯୋଗିତାରେ ସମ୍ମାନିତ କରାଯାଇଛି। ସେ ଉଚ୍ଚଡିଆଁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସମେତ ଅଧାପିକାଅଧାପକ, ଛାତ୍ରୀଛାତ୍ରମାନେ ଅଭିନନ୍ଦନ ଜଣାଇଛନ୍ତି।

### ୫୮ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ

ପବିତ୍ରନଗର,୧୨।୧୧(ଡି.ଏନ.ଏ.)- କଣିହାଁ ବ୍ଲକ ଶିପୁର ଗ୍ରାମରେ ରବିବାର ଉଜ୍ଜ୍ୱଳା ଯୋଜନାରେ ୫୮ ହିତାଧିକାରୀଙ୍କୁ ଏଲ୍‌ପିଜି ଗ୍ୟାସ ବଣ୍ଟନ କରାଯାଇଛି। ଜୟ ବଜରଙ୍ଗ ବାଲି ଗ୍ରାମୀଣ ଗ୍ୟାସ ବିତରକ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୧୦ ନଂ. ଜିଲା ପରିଷଦ ସମସ୍ୟା ବସନ୍ତ ମଞ୍ଜରି ପ୍ରଧାନ, ଭାଜପା ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

### ରାସ୍ତାରେ ନବଜାତ କନ୍ୟାଙ୍କ ମୃତଦେହ

ଅନୁଗୋଳ ଅଫିସ,୧୨।୧୧- ଅନୁଗୋଳ ହୁଲୁରୁସିଂହାଠାରେ ଥିବା ଏକ ଘରୋଇ ନର୍ସିଂ ହୋମ ନିକଟରେ ସୋମବାର ଜଣେ ନବଜାତ ଶିଶୁ କନ୍ୟାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଶିଶୁକନ୍ୟାର ମୃତଦେହକୁ କିଛି କୁକୁର ମଧ ଖାଇଦେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ ଏହାର କିଛି ସମୟ ପରେ ଉକ୍ତ ସ୍ଥାନରେ ମୃତଦେହ ଆଉ ଦେଖିବାକୁ ମିଳି ନ ଥିଲା। ତେବେ ଏ ସଂକ୍ରାନ୍ତରେ ଅନୁଗୋଳ ପୋଲିସ କିମ୍ବା ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ଖବର ନ ଥିବା ଜଣାପଡିଛି।

### ପୋଲିସ ସୁରକ୍ଷାରେ କୁଶାସିଂହାରେ ପଡ଼ିଲା ଅଳିଆ

ଅନୁଗୋଳ ଅଫିସ,୧୨।୧୧- ଅନୁଗୋଳ ସହରର ଅଳିଆ ସୋମବାର ପୋଲିସ ସୁରକ୍ଷାରେ କୁଶାସିଂହାରେ ପଡିଛି। ପୌରପାଳିକାର ଦୁଇଟି ଗାଡ଼ିରେ ସକାଳେ ଅଳିଆ ଭର୍ତ୍ତି ହୋଇଥିଲା। ପରେ ପୋଲିସ କର୍ମଚାରୀ ଉକ୍ତ ଗାଡ଼ି ସାଙ୍ଗରେ ଯାଇ କୁଶାସିଂହାରେ ଥିବା ପୌରପରିଷଦର ଡ଼ମ୍ପିଂୟାର୍ଡ଼ରେ ଅଳିଆ ପକାଇଛନ୍ତି। ସେହିପରି ମଧାହ୍ନରେ ଆଉ ଦୁଇ ଟ୍ରିପ ଅଳିଆ ଯାଇ ପଡ଼ିଥିବା ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି। ପୋଲିସ ସୁରକ୍ଷା ବଳୟ ମଧରେ କୁଶାସିଂହାରେ ଅଳିଆ ପଡ଼ିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ରବିବାର ପୌରପାଳିକାର ଗାଡ଼ିକୁ ଭଙ୍ଗା ରୁଜା ଘଟଣାରେ ଥାନାରେ ଲିଖିତ ଅଭିଯୋଗ ହୋଇ ନାହିଁ ବୋଲି ଜଣାପଡ଼ିଛି।

### ଫୁଲପଡ଼ାରେ ନାମ ସଂକୀର୍ତ୍ତନ

ଅନୁଗୋଳ ଅଫିସ,୧୨।୧୧- ଅନୁଗୋଳ ଉପକଣ୍ଠର ଫୁଲପଡ଼ା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଯୁବ ଗୋଷ୍ଠୀ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ଲୋକମାନେ ନାମଯଜ୍ଞରେ ସାମିଲ ହୋଇଥିଲେ। ଏଥିରେ ୧୦ଟି ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଗ୍ରାମ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଉଠିଥିଲା। ଯୁବନେତା ମନୋରଞ୍ଜନ ନାଥଙ୍କ ନେତୃତ୍ୱରେ ଉତ୍ସବ ସପାପନ ହୋଇଥିଲା।

### ଟିପ୍ପରର ଧକ୍କାରେ ୨ ଗୋରୁ ମୃତ, ରାସ୍ତାଜାମ

ବଆଁରପାଳ, ୧୨।୧୧(ଡି.ଏନ.ଏ.)- ୫୫ ନମ୍ବର ଜାତୀୟ ରାଜପଥର ନାଲ୍‌କୋ ସିପିସି ଛକ ନିକଟରେ ସୋମବାର ଏକ ଟିପ୍ପର ଧକ୍କାରେ ୨ ଗୋରୁଙ୍କ ମୃତ୍ୟୁ ଘଟିଛି। ଏହାକୁ ସେଠାରେ ଉତ୍ତେଜନା ଦେଖାଦେବା ସହ ପ୍ରାୟ ଘଣ୍ଟାଏ ଧରି ରାସ୍ତା ଜାମ୍ ହୋଇଥିଲା।

### ଛାତ୍ରୀଙ୍କ କୃତିତ୍ୱ

ଅନୁଗୋଳ ଅଫିସ, ୧୨।୧୧- ଅନୁଗୋଳସ୍ଥିତ ମହର୍ଷି ବିଦ୍ୟା ମନ୍ଦିର ନବମ ଶ୍ରେଣୀ ଛାତ୍ରୀ ମନସ୍ୱିନୀ ଦାସ ଓ ଦଶମ ଶ୍ରେଣୀ ଛାତ୍ରୀ ସୁମ୍ଭୁଲ ଫାତମା ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଭୋପାଳସ୍ଥିତ ରତପୁରରେ ଆୟୋଜିତ ମହର୍ଷି ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବର ଚିତ୍ରାଙ୍କନ ପ୍ରତିଯୋଗିତାରେ ଦୁହେଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାମନ୍ଦିର ଅଧକ୍ଷା ଡ.ଗାୟତ୍ରୀ ସାମନ୍ତରାୟ ଓ ଏସ୍‌କର୍ଟ୍ ଶିକ୍ଷୟିତ୍ରୀ ସୁନିତା ମିଶ୍ର ମାର୍ଗଦର୍ଶନ କରିଥିଲେ। ଏହି ସଫଳତା ପାଇଁ ଅଧକ୍ଷା ଉଭୟଙ୍କୁ ସମ୍ମାନିତ କରିଛନ୍ତି।

## ପ୍ରଦୂଷଣରେ ଅତିଷ୍ଠ ଡେରଙ୍ଗବାସୀ

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ଡେରଙ୍ଗ ଗ୍ରାମବାସୀ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ,୧୨।୧୧**

ଅନୁଗୋଳ ଜିଲା କଣିହାଁ ବ୍ଲକର ଡେରଙ୍ଗ ଗ୍ରାମବାସୀ ପ୍ରଦୂଷଣ ସମସ୍ୟାରେ ଅତିଷ୍ଠ ହୋଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଗ୍ରାମ କମିଟି ସଭାପତି ବୁଦ୍ଧଦେବ ସାହୁ ଓ ସମ୍ପାଦକ ଦିଲୀପ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ଗ୍ରାମର ପୂର୍ବ ଦିଗରେ ଏନ୍‌ଟିପିସି ପ୍ଲାଣ୍ଟର ପାଉଁଶ ପୋଖରୀ ରହିଛି। ସେଠାରୁ ପାଉଁଶ ଉଡୁଥିବାରୁ ଡେରଙ୍ଗ ମଝିସାହିବାସୀ ହନ୍ତସନ୍ତ ହେଉଛନ୍ତି। ସେହିପରି ଗ୍ରାମର ଉତ୍ତର ପଶ୍ଚିମ ପାର୍ଶ୍ୱରେ ଜେଆଇଟିପିଏଲ୍ କମ୍ପାନୀ ରହିଛି। ଉଭୟ କାରଖାନାରୁ ନିର୍ଗତ ପାଉଁଶ ଓ କୋଇଲା ଗୁଣ୍ଡ ଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗ୍ରାମର ପୋଖରୀ, କୂଅ ଓ ବାଡ଼ି ବଗିଚା ଏପରିକି ଘରେ ମଧ ପାଉଁଶ ପଶିଯାଉଛି। ଦୀର୍ଘଦିନ ହେଲା ଏହାର ସମାଧାନ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କୁ ବିସ୍ଥାପନ ପାଇଁ ମଧ ଦାବି ହେଉଛି। ହେଲେ କେହି ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଗ୍ରାମର ପ୍ରାୟ ୮୦ଶତକଡ଼ା ଜମି ଅଧିଗ୍ରହଣ କରାଯାଇଛି। ଦୁଇଟି କମ୍ପାନୀ ଜମି ଅଧିଗ୍ରହଣ କରିବା ପରେ ଏଭଳି ସମସ୍ୟା ଉପୁଜୁଥିଲେ ମଧ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଉନାହିଁ। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରାଯିବା ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବ୍ରାହ୍ମଣୀ କ୍ଷତିଗ୍ରସ୍ତ ବାସଚ୍ୟୁତ ସଂଘର ଆନ୍ଦୋଳନ

**କଣିହାଁ,୧୨।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀ କ୍ଷତିଗ୍ରସ୍ତ ବାସଚ୍ୟୁତ ସଂଘ ସମଲ ବ୍ୟାରେଜ ଦ୍ୱାରା କ୍ଷତିଗ୍ରସ୍ତମାନେ ୩ ଦଫା ଦାବିରେ ସୋମବାର ସମଲ ବ୍ୟାରେଜ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆନ୍ଦୋଳନକୁ ନେଇ ପୋଲିସ ଓ ବ୍ୟାରେଜ କର୍ତ୍ତୃପକ୍ଷ ସେମାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୩୦ ତାରିଖ ସୁଦ୍ଧା ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବଗତି ସହିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବା ପାଇଁ ପ୍ରତିଶ୍ରୁତି ମିଳିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସଂଘ ସଭାପତି ବିରଞ୍ଚି ସାହୁ ଓ ସମ୍ପାଦକ ଦୁର୍ଯ୍ୟୋଧନ ସାମଲ କହିଛନ୍ତି, ରେଙ୍ଗାଲି ଡ୍ୟାମ ଓ ସମଲ ବ୍ୟାରେଜ୍ ବ୍ରାହ୍ମଣୀ ନଦୀରେ ନିର୍ମାଣ ହୋଇଛି। ସମଲ ବ୍ୟାରେଜରେ ଗ୍ରାମ ଗହମ, ଶିପୁର, କୁସୁମପାଳ, ଦୁର୍ଗାପୁର, ତାଳପଦା, ନାଳମ ଗ୍ରାମବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଭିନ୍ନ ସମୟରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିନାହିଁ। ବ୍ରାହ୍ମଣୀ ନଦୀ କୂଳରେ ୧୦୦ ଫୁଟ୍ ପରିସରରେ ଥିବା ସମସ୍ତ ପରିବାରଙ୍କୁ ଥଇଥାନ, କ୍ଷତିପୂରଣ ଆଦି ଦାବିରେ ଆନ୍ଦୋଳନ ହୋଇଥିଲା। ସମଲ ବ୍ୟାରେଜ ମୁଖ୍ୟଯନ୍ତ୍ରୀ ସରୋଜ କୁମାର ପଣ୍ଡା କହିଛନ୍ତି, ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ସ୍ଥଗିତ ରହିଛି। ବ୍ୟାରେଜ ମୁଖ୍ୟଯନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପୌର ଅଧିକାରୀଙ୍କ ପଲିଥିନ ଯାଞ୍ଚ



**ଅନୁଗୋଳ ଅଫିସ,୧୨।୧୧**

- ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ
- ୨ ହଜାର ଜରିମାନା ଆଦାୟ

ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ ବ୍ୟବହାର ଉପରେ କଟକଣା ଜାରି ସତ୍ତ୍ୱେ ଅନୁଗୋଳ ଜିଲାରେ ଲୁଚାଚୋରାରେ ଚାଲିଛି ପ୍ଲାଷ୍ଟିକ ବେପାର। ଏ ନେଇ ବାରମ୍ବାର ଅଭିଯୋଗ ଆସିବା ପରେ ସୋମବାର ପୌର ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରାଯାଇଛି। ଏଥିସହ ବ୍ୟବସାୟୀ ମନୋଜ ସାହୁଙ୍କ ଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପଲିଥିନ ମିଳିଥିବା ଦୋକାନୀମାନଙ୍କୁ ପୌର ପ୍ରଶାସନ ଚେତାବନୀ ଦେବା ସହ ଆଗାମୀ ଦିନରେ ପଲିଥିନ ବ୍ୟବହାର ନ କରିବାକୁ ମଧ ବାରଣ କରିଛି। ପୂର୍ବାହ୍ନରେ ପୌର ପ୍ରଶାସନ ଅଧିକାରୀମାନେ ବସ୍ ଷ୍ଟାଣ୍ଡ ଠାରୁ ଆରମ୍ଭ କରି ସଞ୍ଜିବନୀ ମାର୍କେଟ, ଲକ୍ଷ୍ମୀ ବଜାର ଓ ବଜାର ଛକ ପର୍ଯ୍ୟନ୍ତ ଥିବା ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ବିଶେଷ କରି ତେଜରାତି ଦୋକାନ ଓ ହୋଟେଲଗୁଡିକରେ ତନାଘନା ଜୋରଦାର କରାଯାଇଥିଲା। ଲକ୍ଷ୍ମୀ ବଜାର ଅଞ୍ଚଳରେ କୁଢ଼ କୁଢ଼ ପ୍ଲାଷ୍ଟିକ ସାମଗ୍ରୀ ଗଦା ହୋଇଥିବା ଦେଖି ପୌର କର୍ତ୍ତୃପକ୍ଷ ଏହାକୁ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ନିକଟରୁ ଜରିମାନା ଆଦାୟ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା, ପୌର ଯନ୍ତ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ଦୋକାନରେ ଚଢ଼ାଉ କରାଯାଇ କଟକଣା କଡ଼ାକଡ଼ି କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଜେନା ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବ୍ୟବସାୟୀମାନଙ୍କୁ ଚେତାବନୀ ଦିଆଯାଇଛି। ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି।

# 'ଉଦ୍ୟମ ଜାରି ରଖିଲେ ସଫଳତା ନିଶ୍ଚିତ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

**ଅନୁଗୋଳ ଅଫିସ,୧୨।୧୧**

ଅନୁଗୋଳ ଜିଲା ପଞ୍ଚମହଲା ସ୍ଥିତ ଶିକ୍ଷାନୁଷ୍ଠାନ ରିମିଟ୍‌ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ କହିଲେ, ବର୍ତ୍ତମାନ ଗୁଣାତ୍ମକ ବୈଷୟିକ ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନ ଘଟିଛି। ରୋବର୍ଟ ମଧ ଟେଲିଭିଜନରେ ଖବର ପଢ଼ି ବିଶ୍ୱକୁ ଚକିତ କରି ଦେଉଛି। ତେବେ ବର୍ତ୍ତମାନର ପ୍ରତିଯୋଗିତା ମୂଳକ ସମାଜରେ ଛାତ୍ରୀଛାତ୍ରମାନେ ପ୍ରଥମ ହେବାର ନିଶା ଛାଡ଼ି ପ୍ରଥମେ ଜଣେ ଭଲ ମଣିଷ ହୁଅନ୍ତୁ। ଅସଫଳତାରେ ଆଦୌ ବିବ୍ରତ ନ ହୋଇ ବାରମ୍ବାର ଉଦ୍ୟମ ଜାରି ରଖିଲେ ସଫଳତା ନିଶ୍ଚିତ ବୋଲି ଶତପଥୀ କହିଥିଲେ। କାର୍ଯ୍ୟକ୍ରମରେ ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ସୂଚନା ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସରୋଜନନ୍ଦ ମିଶ୍ର ମୁଖ୍ୟବକ୍ତା, ଅନ୍ୟତମ ଅତିଥି ଭାବେ ପ୍ରଫେସର ପ୍ରିୟବ୍ରତ ସାହୁ ଉପସ୍ଥିତ ଥିଲେ। ରିମିଟ୍‌ର ଅଧକ୍ଷ ପ୍ରାଣବନ୍ଧୁ ସାହୁ, ଶୁଭଶ୍ରୀ ପ୍ରୀତିନନ୍ଦିତା ଓ ଶ୍ୱେତପଦ୍ମା ପ୍ରଧାନ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ୨ ଅଭିଯୁକ୍ତ କୋର୍ଟଚାଲାଣ

**ଛେଣ୍ଡିପଦା,୧୨।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ଥାନା କୋଶଳା ଗ୍ରାମରୁ ଦୁଇ ଚୋରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ଅଗଷ୍ଟ ୨୯ରେ କୋଶଳାରେ ମା' ରାମଚଣ୍ଡୀଙ୍କ ବର୍ଷିକ ପୂଜା ଚାଲିଥିବାବେଳେ ଗ୍ରାମର ଶ୍ରୀବତ୍ସ ବେହେରା ଓ ସାଥିମାନେ କୋଶଳା ସିଏମପିଡିଆର ସାଇଡ କ୍ୟାମ୍ପରୁ ୬ଟି ଡ୍ରିଲିଂ ପାଇପ୍ ଚୋରି କରିଥିଲେ। ଏଥିସହିତ ସିଏମ୍‌ପିଡିଆଇ କଲୋନିରୁ ଏକ ଲାପଟପ୍ ନେଇଯାଇଥିଲେ। ସେହିଦିନଠାରୁ ଶ୍ରୀବତ୍ସ ଫେରାର ଥିଲେ। ପୋଲିସ ସୋମବାର ଶ୍ରୀବତ୍ସଙ୍କୁ ଗିରଫ କରିଛି। ପୂର୍ବରୁ ତାଙ୍କ ୨ ସହଯୋଗୀଙ୍କୁ ଗିରଫ କରାଯାଇ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଏ ନେଇ ନଂ.୨୨୯ ଓ ୨୩୬/୧୮ ରେ ମାମଲା ରୁଜୁ ହୋଇଛି। ସେହିପରି ଗତ ଅକ୍ଟୋବର ୯ରେ କୋଶଳା ଲକ୍ଷ୍ମୀ ସାହୁଙ୍କ ଘରପଛ ବାଡିରୁ ପାଣି ପମ୍ପ ଓ ପାଇପ ଚୋରି ହୋଇଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଥିଲା। ଘଟଣାରେ କୋଶଳା ଗଙ୍ଗା ସାହିର ନେଙ୍କୁରୀ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୨୭୯/୧୮ରେ ମାମଲା ରୁଜୁ ହୋଇଛି।

## ଅଧିବକ୍ତା ପରିଷଦର ଉଦ୍ଦେଶ୍ୟ ଉପରେ ଆଲୋଚନା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ଅଫିସ,୧୨।୧୧**

ଅନୁଗୋଳ ଜିଲା ଶାନ୍ତି ରେସିଡେନ୍ସ ଠାରେ ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ଅନୁଗୋଳ ଶାଖା ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ବୈଠକ ଜିଲା ସଭାପତି ସଞ୍ଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଗୋଳ ବାର ଆସୋସିଏଶନ୍‌ର ସଦସ୍ୟ ସ୍ୱର୍ଗତଃ ଦାଶରଥି ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ପରମାନନ୍ଦ ମିଶ୍ର ଆଡ଼ଭୋକେଟ୍ ଆଇନ ଓ ପ୍ରଫେସନାଲ ଏଥିକସ୍ ଉପରେ ଚର୍ଚ୍ଚା କରିଥିଲେ। ଅନୁପ କୁମାର ସେନ୍‌ଗୁପ୍ତା, ଦୁଲାଇ ସତ୍ୟନାରାୟଣ କେଠୀ ଓ ପେସ୍କାର ଗଡ଼ନାୟକ ପ୍ରମୁଖ ଅଧିବକ୍ତା ପରିଷଦର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରଦେଶ ସାଧାରଣ ସମ୍ପାଦକ ଜ୍ଞାନାଲୋକ ମହାନ୍ତି ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପ୍ରଦେଶ ସମ୍ପାଦକ ଜ୍ଞାନଲୋକ ମହାନ୍ତି ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ କରାଇଥିଲେ। ଏହି ବୈଠକରେ ଅନୁଗୋଳ, ତାଳଚେର, କେନ୍ଦ୍ରାପଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଭୁବନେଶ୍ୱର, ବୌଦ୍ଧ ଓ ବାଲେଶ୍ୱର ବାର ଆସୋସିଏଶନ୍‌ରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଧିବକ୍ତା ଯୋଗଦାନ କରିଥିଲେ।

# ଭାରି ଜଳ କାରଖାନା ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର




କାର୍ଯ୍ୟକ୍ରମରେ ଅତିଥି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କାରଖାନା ସମ୍ପର୍କରେ ବୁଝାଉଛନ୍ତି।

**ତାଳଚେର,୧୨।୧୧(ନି.ପ୍ର.)**

ତାଳଚେର ଏଫ୍‌ସିଆଇସ୍ଥିତ ଭାରି ଜଳ କାରଖାନା ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ତେହେରାନପୁର ନୂଆଁସାହି ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାରିଜଳ କାରଖାନାର ସୁରକ୍ଷା ଅଧିକାରୀ ଚୈତନ୍ୟ ପ୍ରଧାନ ଯୋଗ ଦେଇ କାରଖାନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ରାସାୟନିକ ଗ୍ୟାସ ଲିକ୍ ତଥା ଅନ୍ୟାନ୍ୟ ବିପଦଜନକ ଦୁର୍ଘଟଣା ସମୟରେ ସାବଧାନ ରହିବା ଅନ୍ୟ ମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିବେ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ କାର୍ଯ୍ୟକ୍ରମରେ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଭାରୀଜଳ କାରଖାନା ପକ୍ଷରୁ ସଞ୍ଜୟ କୁମାର ସାହୁ, ଆନନ୍ଦ କୁମାର ମିଶ୍ରଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଉପଯୁକ୍ତ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ

**ଛେଣ୍ଡିପଦା,୧୨।୧୧(ସ୍ୱ.ପ୍ର) (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମ କଲ୍ୟାଣ ମଣ୍ଡପରେ ସୋମବାର କୃଷକ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ ଏଥିରେ ଅଧକ୍ଷତା କରିଥିଲେ। ଉପକୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଜିଲା କୃଷି ଅଧିକାରୀ ଭୋଳାଶଙ୍କର ବେହେରା, ବିଡିଓ ରୋମାଞ୍ଚଳ ଖମାରୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ବ୍ଲକ କୃଷି ଅଧିକାରୀ ବିନୋଦ ଦଳେଇ, ସହକାରୀ କୃଷି ଅଧିକାରୀ ସଦର କାର୍ଯ୍ୟାଳୟର ଜଗନ୍ନାଥ ନନ୍ଦ, ଜରପଡା ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରଥ, ଉଦ୍ୟାନ ବିଭାଗ ଅଧିକାରୀ ମାନସୀ ସାହୁ, ମତ୍ସ୍ୟ ଅଧିକାରୀ ପ୍ରହ୍ଲାଦ ସେଠୀ, ସୁଧାକର ବେହେରା, ସୁନୀଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉପ କୃଷି ନିର୍ଦ୍ଦେଶକ ଚାଷ ପାଇଁ ନୂତନ ସ୍କିମ, ସରକାରୀ ପ୍ରୋତ୍ସାହନ, ଯନ୍ତ୍ରପାତିରେ ରିହାତି ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରାହ୍ମଣବିଲ, ଟାକୁଆ ଭାଗଲାକଟା, କରଡାବାହାଲ, ବାଲିନାଳୀ, ଥଳିପଶି ଗ୍ରାମର ମହିଳା ପୁରୁଷ ଚାଷୀ ଉପସ୍ଥିତ ଥିଲେ। ବ୍ଲକ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଚାଷୀଙ୍କୁ ଉପଯୁକ୍ତ ପ୍ରଣାଳୀରେ ଚାଷ ପାଇଁ ପରାମର୍ଶ ଦିଆଯାଇଥିଲା।

# ଟଙ୍କା ନ ଦେବାରୁ ଭତ୍ତାରୁ ବଞ୍ଚିତ ଅଭିଯୋଗ



ପଞ୍ଚାୟତ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀମାନେ।

**ତାଳଚେର,୧୨।୧୧(ନି.ପ୍ର.)**

'୪/୫ ବର୍ଷ ହେଲା ଭତ୍ତା ପାଇଁ ପ୍ରଶାସନ ନିକଟରେ ଆବେଦନ କରିଆସୁଛୁ। ହେଲେ ଆବେଦନ ବେଳେ ଆମକୁ ଟଙ୍କା ମଗା ଯାଉଛି। ଟଙ୍କା ନ ଦେଲେ ଭତ୍ତା ହୋଇପାରିବନି ବୋଲି କୁହାଯାଉଛି। ଫଳରେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ଦୀର୍ଘ ବର୍ଷ ହେଲା ଏଥିରୁ ବଞ୍ଚିତ ହୋଇଛୁ'। ସୋମବାର ତାଳଚେରଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏପରି ଅଭିଯୋଗ ଆଣିଛନ୍ତି ସନ୍ଥପଡା ପଞ୍ଚାୟତର ମାମି ସାହୁ, ବାଉରୀବନ୍ଧୁ ସାମଲ, ସୁନିଆ ମହାନ୍ତି, ଟିକନ ଦେହୁରୀ ପ୍ରମୁଖ। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେମାନେ ଗରିବ ଶ୍ରେଣୀର ଲୋକ ହୋଇଥିଲେ ହେଁ ସେମାନଙ୍କୁ ଭତ୍ତା ପାଇଁ ଉଦ୍ଦିଷ୍ଟ ଯୋଜନାରେ ସାମିଲ କରାଯାଉନାହିଁ। ଆବେଦନ କରିବାରୁ ବିଏସଏସଓ ଅର୍ଥ ମାଗୁଛନ୍ତି। ଟଙ୍କା ନ ଦେଇପାରିବାରୁ ଆଜି ପର୍ଯ୍ୟନ୍ତ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହାର ଯଥାଶୀଘ୍ର ତଦନ୍ତ କରାଯାଇ ଭତ୍ତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକଙ୍କୁ ପଚାରିବାରେ କହିଛନ୍ତି, ମୋ ପାଖରେ ଏ ସଂକ୍ରାନ୍ତରେ କୌଣସି ଦରଖାସ୍ତ ନାହିଁ। ଯେଉଁମାନଙ୍କର ଥିଲା ସେମାନଙ୍କର ଭତ୍ତା ହୋଇଛି। ଦରଖାସ୍ତ ପଞ୍ଚାୟତରେ ଦିଆଯାଏ, ତାଙ୍କ ଅଫିସରେ ନୁହେଁ। ତେଣୁ ଏପରି ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି କଙ୍କିଳି ପଞ୍ଚାତର ସୁଧାକର ବେହେରା, ପ୍ରଫୁଲ୍ଲ ପ୍ରଧାନ, ବୈକୁଣ୍ଠ ବିଶ୍ୱାଳ, ମକାରୁ ପ୍ରଧାନ, କହ୍ନେଇ ପ୍ରଧାନ ପ୍ରମୁଖ ଭତ୍ତାରୁ ବଞ୍ଚିତ ହୋଇଥିବା ଶିବିରରେ ଅଭିଯୋଗ କରିଛନ୍ତି। କଙ୍କିଳି ସରପଞ୍ଚ ସୁଧାକର ଦାସ, ଦୀପକ କୁମାର ପ୍ରଧାନ ପ୍ରମୁଖ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି।

## ସଂକ୍ଷେପରେ

### ରାଜନୀତି ବିଜ୍ଞାନ ଆଲୋଚନାଚକ୍ର

**ସାତମାଇଲ, ୧୨।୧୧(ଡି.ଏନ୍.ଏ.)-** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ (ସମ୍ମାନ) ବିଭାଗ ପକ୍ଷରୁ 'ରାଷ୍ଟ୍ର ଓ କ୍ଷମତାର ବିଭିନ୍ନ ତତ୍ତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପିକା ବିଭାବତୀ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଷମତା ବିକେନ୍ଦ୍ରୀକରଣ, ଗଣତାନ୍ତ୍ରିକ ରାଷ୍ଟ୍ରର ଗୁଣାବଳୀ, ଆଧୁନିକ ସମୟରେ ଗଣତନ୍ତ୍ରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ବିଶ୍ୱାଳ, ଶ୍ରୀତିଶିକ୍ଷା ପାଳ, ମନୋରମା ସାହୁ , ଅଞ୍ଜଳି ବେହେରା, ଜ୍ୟୋତିଶ୍ରୀ ସାହୁ, ଜ୍ୟୋସ୍ନାମୟୀ ସାହୁ, ଛାତ୍ର ରବୀନ୍ ସାମଲ, ଦୀପକ ସାହୁ ପ୍ରମୁଖ ସ୍ୱଲିଖିତ ସନ୍ଦର୍ଭ ପାଠ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ସଂସ୍କାରଯୁକ୍ତ ହେଉ ଆଧୁନିକ ଶିକ୍ଷା

**ସାତମାଇଲ, ୧୨।୧୨(ଡି.ଏନ୍.ଏ.)-** ହିନ୍ଦୋଳ ବ୍ଲକ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୱତ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଙ୍କୁଳ ସମ୍ପାଦକ ଶିକ୍ଷାବିତ୍ ପଙ୍କଜ ଲୋଚନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଧସମ୍ଭାଗ ସମ୍ପାଦକ ପ୍ରଭାକର ଦ୍ୱିବେଦୀ, ସମ୍ମାନିତ ଅତିଥି ସଙ୍କୁଳ ପ୍ରମୁଖ ଗୁରୁଜୀ ରମାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଭାରତୀ ପକ୍ଷରୁ ପ୍ରଦତ୍ତ ଶିକ୍ଷାପ୍ରଣାଳୀର ଉପାଦେୟତା ସୁଦୂରପ୍ରସାରୀ। ଆଧୁନିକ ଶିକ୍ଷା ସଂସ୍କାରମୂଳକ ହେଲେ ଏହାର ଲାଭ ଭବିଷ୍ୟତ ପିଢ଼ି ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ପଟ୍ଟନାୟକ, ଗୁରୁଜୀ ଦୟାନିଧି ଦାସ, ଦୁର୍ଯ୍ୟୋଧନ ବେହେରା, ଶିକ୍ଷାବିତ୍ ତପନ ସାମଲ, ପ୍ରଦୀପ୍ତ ବେହେରା, ସୁବଳ ବେହେରା, ସୁଧାକର ପୃଷ୍ଟି, ଲଙ୍ଗରାଜ ସେନାପତି , ତ୍ରିନାଥ ବେହେରା, ବିଜୟ ସାହୁ , ଦୀନବନ୍ଧୁ ମହାଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ଦିନରେ ଶିକ୍ଷାଭିତ୍ତିକ ଯୋଜନାର ସଫଳ ରୂପାୟନ ଏବଂ ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି ସମ୍ପର୍କିତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

### ରୋଜାଲିନ୍ଙ୍କ ସଙ୍ଗୀତରେ ମନ୍ତ୍ରମୁଗ୍ଧ ଶ୍ରୋତା



**ଭୁବନ, ୧୨।୧୧(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା କାଳୀବଜାର ବଣିକ ସଂଘର ୪୦ବର୍ଷ ପୂର୍ତ୍ତି ଅବସରରେ ୩ଦିନ ଧରି ଚାଲିଥିବା ସାଂସ୍କୃତିକ ସମାରୋହ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଉଦ୍ଯାପନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ କଣ୍ଠଶିଳ୍ପୀ ରୋଜାଲିନ୍। ତାଙ୍କ ଦ୍ୱାରା ପରିବେଷିତ ମେରେ ରସ୍କେ କମର...ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଆଖପାଖ ଅଞ୍ଚଳ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରୋତା ଏହାର ମଜା ନେଇଥିଲେ। ସେହିପରି ଭୁବନେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାପତି ସମୀର କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ନୀଳମାଧବ ସାହୁ, ବାବନ ପୃଷ୍ଟି, ସମ୍ପାଦକ ସରୋଜ କୁମାର ସାହୁ, ସହସମ୍ପାଦକ ଦୀପକ ସାହୁ, କୋଷାଧକ୍ଷ ରାମଅବତାର ମେହେଟ୍ଟା ପ୍ରମୁଖ ମଞ୍ଚାସୀନ ଥିଲେ। ମଙ୍ଗଳବାର ମା' କାଳୀଙ୍କ ଭସାଣି କରାଯିବ ବୋଲିସଭାପତି ସୂଚନା ଦେଇଛନ୍ତି।

# ସରିଲା ସରପଞ୍ଚ ଉପନିର୍ବାଚନ ନାମାଙ୍କନ

**ଢେଙ୍କାନାଳ ଅଫିସ,୧୨।୧୧**

ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁର ଏବଂ କାଇମାଟି ସରପଞ୍ଚ ପଦବୀ ଉପନିର୍ବାଚନ ପାଇଁ ସୋମବାର ଶେଷହୋଇଛି ନାମାଙ୍କନ ଦାଖଲ। ମଙ୍ଗଳପୁର ସରପଞ୍ଚ ପଦବୀ ଲାଗି ବିଦ୍ୟାଧର ପ୍ରଧାନ, ଦିଲୀପ ପ୍ରଧାନ ଏବଂ କାଇମାଟି ସରପଞ୍ଚ ପଦବୀରେ ଲିନା ସାହୁ, ଝରସ୍ମିତା ଦେହୁରୀ, ସୌଦାମିନୀ ପ୍ରଧାନ, ଦୀପିକା ରାୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ଶୁକ୍ରବାର ପ୍ରତ୍ୟାହାର ଦିବସ। ଡିସେମ୍ବର ୬ରେ ମତଦାନ, ୭ରେ ଭୋଟ ଗଣତି ପରେ ୧୦ ତାରିଖରେ ସରକାରୀ ଭାବେ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ସରୋଜ କୁମାର ଦତ୍ତ ସୂଚନା ଦେଇଛନ୍ତି । ଅନ୍ୟପଟେ ନାମାଙ୍କନ ଦାଖଲ କରିବା ପୂର୍ବରୁ ଆଶାୟୀ ଦିଲୀପଙ୍କୁ କେତେଜଣ ଯୁବକ ଅପହରଣ କରି ନେଇଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଦିଲୀପଙ୍କ କହିବା ଅନୁଯାୟୀ, ଘରେ ଥିବାବେଳେ କେତେଜଣ ଯୁବକ ତାଙ୍କୁ ଡାକିଥିଲେ। ୧୦ ମିନିଟ୍‌ରେ ଆସିବା କହି ବନ୍ଧୁକ ମୁନରେ ଭୟଭୀତ କରାଇ କାର୍‌ରେ ଜବରଦସ୍ତ ନେଇଯାଇଥିଲେ। ଗୋବିନ୍ଦପୁର ଫାଣ୍ଡି ମହୁଲପଡ଼ା ନିକଟ ରେଲୱେ ଲେଭଲ କ୍ରସିଂରେ ଟ୍ରେନ୍ ଆସିବାକୁ ନେଇ ଫାଟକ ବନ୍ଦ ଥିଲା। ଏହାର ସୁଯୋଗରେ ଦିଲୀପ ପରିସ୍ରା କରିବା ବାହାନାରେ କାର୍‌ରୁ ପଦାକୁ ଆସି ଦୌଡ଼ି ପଳାଇଥିଲେ। କିଛି ଦୂର ଯିବା ପରେ ସେ ନିଜର ସମର୍ଥକଙ୍କୁ ଫୋନ୍ କରି ସମସ୍ତ ଘଟଣାବଳୀ ଜଣାଇଥିଲେ। ଅପରାହ୍ନ ସାଢ଼େ ୨ ସୁଦ୍ଧା ସମର୍ଥକମାନେ ତାଙ୍କୁ ଧରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏହାପରେ ସେ ଦାଖଲ କରିଥିଲେ ନାମାଙ୍କନ। ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ମଙ୍ଗଳପୁର ଓ କାଇମାଟି ସରପଞ୍ଚଙ୍କ ମୃତ୍ୟୁ ପରେ ଉକ୍ତ ଦୁଇ ପଦବୀ ଖାଲି ପଡ଼ିଥିଲା। କାଇମାଟି ସରପଞ୍ଚ ପଦବୀ ମହିଳା ଏବଂ ମଙ୍ଗଳପୁର ସରପଞ୍ଚ ପଦବୀ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି ।

- ମଙ୍ଗଳପୁରରେ ୨, କାଇମାଟିରେ ୪ ପ୍ରାର୍ଥୀ
- ଆଶାୟୀଙ୍କୁ ଅପହରଣ ଅଭିଯୋଗ



ଜଣେ ଆଶାୟୀ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରୀଛାତ୍ର



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନ, ୧୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପୁରୁଷୋତ୍ତମପୁର ନୋଡାଲ ସ୍କୁଲ ପରିସରରେ ପଦ୍ମ ଟ୍ରଷ୍ଟର ୬ଷ୍ଠ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ଆନନ୍ଦ ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପ୍ରତିଯୋଗିତାମୂଳକ ସମୟରେ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିବାକୁ ସମସ୍ତେ ଚେଷ୍ଟା କରୁଛନ୍ତି। ବିଦ୍ୟାର୍ଥୀଙ୍କ ମଧ୍ୟରେ ଏପରି ମନୋଭାବ ରହିବା ସ୍ୱାଭାବିକ। ହେଲେ ପାଠପଢ଼ା ବ୍ୟତିରେକ ସାମାଜିକ ସଂସ୍କାର, ଦେଶପ୍ରେମମୂଳକ କାର୍ଯ୍ୟ, ସମାଜସେବାରେ ମଧ ଛାତ୍ରୀଛାତ୍ର ମନୋନିବେଶ କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପୁରୁଷୋତ୍ତମ ମିଶ୍ର, ବ୍ରଜବନ୍ଧୁ କର, ନାଟ୍ୟକାର ପ୍ରଶାନ୍ତ ଦ୍ୱିବେଦୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ବରିଷ୍ଠ ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦ୍ୱିବେଦୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୨ୟରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କ୍ଷୀରୋଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଟ୍ରଷ୍ଟ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

- ୨୩ରେ କାର୍ତ୍ତିକପୂର୍ଣ୍ଣିମା ଯାତ୍ରା

# ଗଠିତ ହେଲା ଅସ୍ଥାୟୀ କମିଟି



**ଭାପୁର, ୧୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ଛଦେଶ ଅଞ୍ଚଳର ଆରାଧ ଦେବତା ମହାପ୍ରଭୁ ପଶ୍ଚିମେଶ୍ୱରଙ୍କ ପୀଠରେ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବ କାର୍ତ୍ତିକପୂର୍ଣ୍ଣିମା ଯାତ୍ରା। ଏହାକୁ ଶୃଙ୍ଖଳିତ କରିବାକୁ ପ୍ରଶାସନ ପକ୍ଷରୁ ପୀଠ ପରିସରରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ହରିହର ନାୟକ, ଦେବୋତ୍ତର ଅଧିକାରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ପ୍ରସାଦ ଲେଙ୍କାଙ୍କ ସମେତ ବାଲ୍ୟାମ୍ବା, ଚନ୍ଦ୍ରଶେଖରପ୍ରସାଦ, ଧୀରପାଟଣା ପଞ୍ଚାୟତବାସୀ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ବର୍ଷେ ହେଲା ମନ୍ଦିର ପରିଚାଳନା କମିଟିକୁ ଭାଙ୍ଗି ଦିଆଯାଇଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଯାତ୍ରାକୁ ଆଉ ହାତଗଣତି ଦିନ ବାକି ରହିଥିବାବେଳେ କାର୍ଯ୍ୟକ୍ରମ ବ୍ୟବସ୍ଥିତ କରିବାକୁ ଅସ୍ଥାୟୀ କମିଟି ଗଠନ କରାଯାଇଛି। ଶ୍ରଦ୍ଧାଳୁଙ୍କ ଆଗମନ, ଦର୍ଶନ, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଦାୟିତ୍ୱ ବଣ୍ଟନ କରାଯାଇଛି।

ସେହିପରି ଆୟବ୍ୟୟରେ ତ୍ରୁଟି ଏବଂ ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ଗଙ୍ଗାଧରପ୍ରସାଦ ଗ୍ରାମବାସୀ ମନ୍ଦିର କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଏ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଯାତ୍ରା ପରେ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଜ୍ଞାନରଞ୍ଜନ ନାୟକ, ଦେବରାଜ ସାହୁ, ଅଖିଳ ଲେଙ୍କା, ହୃଦାନନ୍ଦ ଲେଙ୍କା, ମଧୁସୂଦନ ଦାସ, ପ୍ରାଣବନ୍ଧୁ ନାୟକ, ପ୍ରତାପ ସ୍ୱାଇଁ, ପ୍ରମୋଦ ଧଳ, ଅଶୋକ ପରିଡ଼ା, ମଧୁସୂଦନ ଜେନା, ଗଗନବିହାରୀ ପାତ୍ର, ରମେଶ ବେହେରା, ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଶୋଭାଯାତ୍ରାରେ ବାଣ୍ଟିଲେ ଆଇନ ସଚେତନତା ବାର୍ତ୍ତା

**ସାତମାଇଲ, ୧୨।୧୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ରିଜିଓନାଲ କଲେଜରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରଣଜିତ୍ ଅମାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ଏସ୍‌ଡିଜେଏମ୍ କୋର୍ଟର ବିଚାରପତି ବାସୁଦେବ ପାତ୍ର, ସମ୍ମାନିତ ଅତିଥି ସାମାଜିକକର୍ମୀ ଶ୍ରୀକାନ୍ତ ବେହେରା, ଆଇନଜୀବୀ ପ୍ରଶାନ୍ତ କୁମାର ପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା କଲେଜ ପରିସରରୁ ବାହାରି କାନ୍ଦରାଶୁଣି ଯାଏ ଯାଇଥିଲା। କଲେଜରେ ଅନୁଷ୍ଠିତ ସଭାରେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର, ଏହାର ସୁରକ୍ଷା ନିୟମାବଳୀ, ଜାତୀୟ ଆଇନ ସେବା, ନାଗରିକଙ୍କ କର୍ତ୍ତବ୍ୟ, ମାଗଣା ଆଇନ ପରାମର୍ଶ ଉପରେ ଅତିଥି ବୃନ୍ଦ ଆଲୋଚନା କରିଥିଲେ। ଶୁଭନାରାୟଣ ମହାନ୍ତି, ପ୍ରଭାକର ଦ୍ୱିବେଦୀ, ସୁଜିତ୍ ଦେହୁରୀ, ପ୍ରଦୀପ ମାଝି, ସମରବଲ୍ଲଭ ସାମନ୍ତରାୟ, ପ୍ରତାପ ବରାଳ, ବରୁଣ ଚନ୍ଦ୍ର ମାଝିଙ୍କ ସମେତ ଉପଖଣ୍ଡର ସମସ୍ତ ପାରାଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଅମୀୟ ରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

# ୭୩ ଅଭିଯୋଗ ଶୁଣିଲେ ଜିଲାପାଳ



**କାମାକ୍ଷାନଗର, ୧୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଶିବିରରେ ମୋଟ ୭୩ ଅଭିଯୋଗର ସମାଧାନ ହୋଇଥିଲା। ଏସ୍‌ପି ସନ୍ତୋଷ ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବିଡିଓ ଦେବଦତ୍ତ ମହନ୍ତ, ତହସିଲଦାର ସୁଜାତା ଶୁଭଦର୍ଶନୀ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାମଚନ୍ଦ୍ର ସଭାପତି, ବ୍ରହ୍ମାନନ୍ଦ ସମ୍ପାଦକ

**ଢେଙ୍କାନାଳ ଅଫିସ, ୧୨।୧୧**

ଢେଙ୍କାନାଳ ସୌଦାମିନୀ ବିଦ୍ୟାପୀଠ ପଡ଼ିଆରେ ରବିବାର ଶ୍ରୀମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ବାଜିଚୌକର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୪ବର୍ଷ ପାଇଁ ସଭାପତି ଭାବେ ରାମଚନ୍ଦ୍ର ପାତ୍ର, ସମ୍ପାଦକ ଭାବେ ବ୍ରହ୍ମାନନ୍ଦ ସାହୁଙ୍କୁ ଚୟନ କରାଯାଇଛି। ପୂଜା ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ପୂର୍ବପରି କାର୍ଯ୍ୟ ସମ୍ପାଦନ କରିବେ ବୋଲି ନିଷ୍ପତ୍ତି ହୋଇଛି। ବିଶିଷ୍ଟ ଆଇନଜୀବୀ ମନମୋହନ ତ୍ରିପାଠୀ, ନବକିଶୋର ଗୁରୁଙ୍କ ସମେତ ଅଞ୍ଚଳବାସୀ, ବ୍ୟବସାୟୀ ଏବଂ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାପତି ବାର୍ଷିକ ଆୟବ୍ୟୟର ହିସାବ ପାଠ କରିଥିବାବେଳେ ଉପସଭାପତି ରମାକାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରେସ୍ ଦିବସ ପାଳନ ପ୍ରସ୍ତୁତି

**ବଅଁରପାଳ,୧୨।୧୧ (ଡି.ଏନ୍.ଏ)**

ଆସନ୍ତା ୧୬ ତାରିଖରେ ଜାତୀୟ ପ୍ରେସ ଦିବସ ପାଳନ ନିମନ୍ତେ ନାଲ୍‌କୋ ବଅଁରପାଳ ଖବରଦାତା ସଂଘ ତରଫରୁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଉପେନ୍ଦ୍ର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣ ଓ ସେମାନଙ୍କ ସୁରକ୍ଷା ଉପରେ କର୍ମକର୍ତ୍ତାମାନେ ମତ ରଖିଥିଲେ ଖବରଦାତାଙ୍କୁ ଜିଲା ପୋଲିସ ପକ୍ଷରୁ କୌଣସି ପ୍ରକାର ସହଯୋଗ ମିଳୁନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ସଂଘ କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମାଣ୍ଡୋଠିଆ, ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ନାଏକ, ଗୋବିନ୍ଦ ଚନ୍ଦ୍ର ଟୁଡୁ, ନିପୁ ଭୂତିଆ, ଜଗନ୍ନାଥ ବେହେରା, ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ଜେନା ଧନ୍ୟବାଦ ଦେଇଥିଲେ।

# ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାକୁ ଦାବିପତ୍ର

**ଅନୁଗୋଳ ଅଫିସ,୧୨।୧୧**

ଅନୁଗୋଳରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି କରିଛି ଜିଲା ଛାତ୍ର କଂଗ୍ରେସ। ଏ ନେଇ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମ୍ମୁଖରେ ଜଣେ ଲେଖାଏ ଗୃହରକ୍ଷୀଙ୍କୁ ନିଯୁକ୍ତି, ମୁସ୍‌ଲିମ୍‌ସାହି, ହନୁମାନ ବଜାରରେ ଦୁଇଟି ଟ୍ରାଫିକ୍ ପୋଷ୍ଟ ନିର୍ମାଣ, ଥାନା ଛକ ଓ ରାଜ ହୋଟେଲ ନିକଟରେ ଥିବା ସିଗ୍‌ନାଲ ଲାଇଟ୍ ମରାମତି କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଛାତ୍ର କଂଗ୍ରେସ ପକ୍ଷରୁ ଏହି ଦାବିପତ୍ର ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦାଙ୍କୁ ପ୍ରଦାନ କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ କମିଟି ସଂଯୋଜକ ଆଦିତ୍ୟ ପ୍ରୀତମ୍ ଦାସ, ପୂର୍ବତନ ଛାତ୍ର କଂଗ୍ରେସ ଉପସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବିଶ୍ୱ ପାଇଖାନା ଦିବସ ଅଭିଯାନ ଉପଲକ୍ଷେ ରବିବାର ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ଓ ମଙ୍ଗଳପୁର ପଞ୍ଚାୟତରେସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସରୋଜ କୁମାର ଦତ୍ତ, ଜଳ ଓ ପରିମଳ ମିଶନ କନିଷ୍ଠ ଯନ୍ତ୍ରୀ ଅଭିଜିତ୍ ଦାସ, ସରପଞ୍ଚ ଜେଶସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ଛାତ୍ରୀଛାତ୍ରମାନେ।



ଢେଙ୍କାନାଳ ଲକ୍ଷ୍ମୀପୂଜା ଉତ୍ସବ ପରେ ରୋଟାରି କ୍ଲବ ପକ୍ଷରୁ ଲୁହାକଣ୍ଟା ସଫେଇ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ରୋଟାରି କ୍ଲବ ଓ ମିନାବଜାର ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଭାଗ ନେଇଥିଲେ। ଚୁମ୍ବକୀୟ ଯନ୍ତ୍ର ସହାୟତାରେ ସହରର ବିଭିନ୍ନ ସ୍ଥାନରେ ଲୁହାକଣ୍ଟା ସଫେଇ କରାଯାଇଥିଲା।

ଧରିତ୍ରୀ
DHARITRI



# ‘ଗୋମାତାର ସୁରକ୍ଷା ପାଇଁ ଜନଜାଗରଣ ଜରୁରୀ’




**ଅନୁଗୋଳ ଅଫିସ,୧୨।୧୧**

ଅନୁଗୋଳର ବିଜୁ ମଇଦାନ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବର ସୋମବାର ଥିଲା ପଞ୍ଚମ ଦିବସ। ସାନ୍ଧ୍ୟ ଗୋ କଥା ସତ୍‌ସଙ୍ଗରେ ମୁଖ୍ୟଅତିଥି ଭାବେ ଚିନ୍ମୟ ମିଶନର ସ୍ୱାମୀ ସଦାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ଗୋମାତାଙ୍କ ସୃଷ୍ଟି ପ୍ରକୃତି ପାଇଁ ବରଦାନ। ଗୋ ମାତାଙ୍କ ଶରୀରରୁ ସକରାତ୍ମକ ଉର୍ଜା ବିକିରିତ ହୋଇଥାଏ। ତେଣୁ ଗୋବଂଶର ସୁରକ୍ଷା ସମାଜ ପାଇଁ ଅପରିହାର୍ଯ୍ୟ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀକ୍ଷେତ୍ର ଗୋବର୍ଦ୍ଧନ ମଠରୁ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗଦେଇ ଗୋ ମାତାର ସୁରକ୍ଷା ପାଇଁ ରାଷ୍ଟ୍ରୀୟ ଜନଜାଗରଣ ବ୍ୟାପକ ହେବାର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହେମନ୍ତ ଦାସ ତଥା ଓଡ଼ିଶା ଗୋ ସେବା ସମିତିର ପ୍ରଦୀପ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ସ୍ୱାମୀ ସମର୍ପଣାନନ୍ଦ ଗିରି ସଂଯୋଜନା କରିଥିବାବେଳେ ସ୍ୱାମୀ ବିଜ୍ଞାନାନନ୍ଦ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୋ ବିଜ୍ଞାନ କର୍ମଶାଳାରେ ପ୍ରଶିକ୍ଷକ ଭାବେ ପୁରୀ ଗୋପବନ୍ଧୁ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟର ନିଦାନ ବିଭାଗ ମୁଖ୍ୟ ଡ.ଭବାନୀ ଶଙ୍କର ପାଲ ଯୋଗ ଦେଇଥିଲେ। ବ୍ରହ୍ମଚାରୀ ପ୍ରଦୀପ ଓ ପ୍ରଦୀପ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବାହ୍ନରେ ସୁରଭି ଯଜ୍ଞ ନିମିତ୍ତ ସୂର୍ଯ୍ୟପୂଜା, ଗୋପୂଜା ଶାଳା, ମଣ୍ଡଳାଦି ସଂସ୍କାରୋପାସନ, ଅଗ୍ନିସ୍ଥାପନ ସହିତ ସୁରଭି ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ଶ୍ରୀକାନ୍ତ ନନ୍ଦଙ୍କ ପୌରୋହିତ୍ୟରେ ନାମ ସଂକୀର୍ତ୍ତନ, ଭଜନ କୀର୍ତ୍ତନ, ସୁରଭି ମନ୍ତ୍ର ଜପରେ ବିଜୁ ମଇଦାନ ପ୍ରକମ୍ପିତ ହୋଇଥିଲା। ଏଠାରେ ପଡ଼ିଥିବା ବିଭିନ୍ନ ଗୋ ଆଧାରିତ ଷ୍ଟଲ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା।

## ପୋଡ଼ିହୋଇ ମହିଳା ଗୁରୁତର

ବାସୁଦେବପୁର,୧୨।୧୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କୁମାରପୁର ଗ୍ରାମରେ ଜଣେ ମହିଳା ସୋମବାର ଅପରାହ୍ନରେ ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ପଠାଯାଇଛି। ରୋଷେଇ କରୁଥିବାବେଳେ ଗ୍ୟାସ୍ ସିଲିଣ୍ଡରରୁ ମହିଳାଙ୍କ ଦେହରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ - ଏକାଦଶାହ ଉପଲକ୍ଷେ**



ସ୍ୱ. ଡ଼ା. ରବିନ୍ଦ୍ର କୁମାର ଦାସ (ରବି)
ଆବିର୍ଭାବ : ୧୫ / ୦୧ / ୧୯୭୨
ତିରୋଧାନ : ୦୩ / ୧୧ / ୨୦୧୮
ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର

ଆପଣଙ୍କର ଆଦର୍ଶ, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଅଯାଚିତ ଓ ଅକୁଣ୍ଠିତ ସହଯୋଗ ପ୍ରବୃତ୍ତି ଆମକୁ ସଦାସର୍ବଦା ପ୍ରେରଣା ଦେଉଥାଉ।

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଅଛୁ।

**ଶୋକ ସନ୍ତପ୍ତ :**
ସମ୍ପର୍କୀୟ, ବନ୍ଧୁ ଓ ପରିବାରବର୍ଗ

# ଥଇଥାନ ନ କରି ଦୋକାନ ଭାଙ୍ଗିବା ଘୋଷଣାକୁ ବିରୋଧ

**ଛେଣ୍ଡିପଦା,୧୨।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜରପଡା ବସ୍‌ଷ୍ଟାଣ୍ଡ ଏବଂ ବଜାର ଠାରେ ମଙ୍ଗଳବାର ଅନୁଗୋଳ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନ୍‌ଏଚଏଆଇ) ଏବଂ ଜିଲା ଭୂଅର୍ଜନ ବିଭାଗ ପକ୍ଷରୁ ଦୋକାନ ବଜାର ଭାଙ୍ଗିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଇଛି। ଅଦ୍ୟାବଧି ପ୍ରଶାସନ ପକ୍ଷରୁ ରାଜପଥ ପାର୍ଶ୍ୱରେ ଥିବା ଉଠା ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ । ଏପରିକି ସମ୍ପୃକ୍ତ ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରାଯାଇନାହିଁ। ଏଭଳି ସ୍ଥିତିରେ ପ୍ରଶାସନ ତଥା ଜାତୀୟ ରାଜପଥ ବିଭାଗ ପକ୍ଷରୁ ଜୋରଜବରଦସ୍ତ ଉଚ୍ଛେଦ ପଦକ୍ଷେପକୁ ବଜାର କମିଟି, ଉଠା ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ସୋମବାର ଅନୁଗୋଳ ଜିଲାପାଳଙ୍କଠାରେ ଛେଣ୍ଡିପଦା ବ୍ଲକ ଅଫିସଠାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରଶାସନ ପଦକ୍ଷେପ ନେବା ସହ ଥଇଥାନ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି।

ଅଞ୍ଚଳବାସୀ କହିଛନ୍ତି, ଜରପଡା ହେଉଛି ଏକ ମୁଖ୍ୟ ସ୍ଥାନ। ତେଣୁ ଜରପଡା ବସ୍‌ଷ୍ଟାଣ୍ଡଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଅଧିକ ପରିମାଣର ଜମି ଅଧିଗ୍ରହଣ କରାଯାଇ ନୂତନ ବସଷ୍ଟାଣ୍ଡ ନିର୍ମାଣ, ଆବଶ୍ୟକ ଅନୁସାରେ ପାନୀୟ ଜଳ ପ୍ରକଳ୍ପ, ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ ନିର୍ମାଣ କରିବାକୁ, ପରିଶ୍ରାଗାର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଅପରପକ୍ଷେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ କରାଗଲେ ଅଧିକାଂଶ ବେକାର ଯୁବକ ଥଇଥାନ ହୋଇପାରିବେ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଏଥିପ୍ରତି ଦୃଷ୍ଟି ନ ଦେଇ ରାସ୍ତା ନିର୍ମାଣ କରାଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ତଥା ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ସମ୍ପାଦକ ଭୋଲେଶ୍ୱର ଗୋଚ୍ଛାୟତ ପ୍ରମୁଖ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି।




# ଜେଆଇଟିପିଏଲ୍ କର୍ମଚାରୀଙ୍କ ଆନ୍ଦୋଳନ

**କଣିହାଁ,୧୨।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ଡେରଙ୍ଗସ୍ଥିତ ଜେଆଇଟିପିଏଲ ସ୍ଥାୟୀ କର୍ମଚାରୀମାନେ ୭ ଦଫା ଦାବିରେ ସୋମବାର ପ୍ରକଳ୍ପ ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଫଳରେ ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। କଣିହାଁ ପୋଲିସ, ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ଅଛନ୍ତି।

ପ୍ରକାଶ ଯେ, ଜମିହରା ଜେଆଇଟିପିଏଲ କର୍ମଚାରୀ ସଂଘ ତରଫରୁ ଗତ ୩ରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହିତ ତାଳଚେର ଉପଜିଲାପାଳ, ପାଲଲହଡ଼ା ଏସଡ଼ିପିଓ, କଣିହାଁ ତହସିଲଦାର, ଥାନା ଅଧିକାରୀଙ୍କୁ ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଉପରେ ବିଚାର ନ ହେଲେ ସୋମବାରଠାରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଯେ ପର୍ଯ୍ୟନ୍ତ କେନ୍ଦ୍ରୀୟ ସର୍ବନିମ୍ନ ମଜୁରୀ ମାସକୁ ୧୮ ହଜାର, ଚାକିରି ସର୍ତ୍ତବଳୀ ଅନ୍‌ଲାଇନ ଭୁକ୍ତ, ଅବସରକାଳିନ ଗ୍ରାଚ୍ୟୁଟି, ସମାନ କାମକୁ ସମାନ ଦରମା ଆଦି ପ୍ରଦାନ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ କଣିହାଁ ଥାନା ଭାରପ୍ରାପ୍ତ ଅଧିକାରୀ ସୁକାନ୍ତୀ କେରେକେଟା କହିଛନ୍ତି, ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଛି। ପ୍ରକଳ୍ପ କାର୍ଯ୍ୟରେ ବାଧା ଉପୁଜୁଛି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା କଣିହାଁ ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି, ଆନ୍ଦୋଳନ ଚାଲିଛି। ସମସ୍ୟା ସମାଧାନ ପାଇଁ ବୁଧବାର ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯିବ।

# ଆଇନଜୀବଙ୍କ ବିୟୋଗରେ ଶୋକ

**ଅନୁଗୋଳ ଅଫିସ,୧୨।୧୧**

ଅନୁଗୋଳ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଦାଶରଥି ସାହୁଙ୍କ ଗତ ୧୦ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସଂଘର ସଭାପତି ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଭ୍ୟମାନେ ସ୍ୱର୍ଗତଃ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସଂଘର ସଭ୍ୟ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଗଣେଶ୍ୱର ସାହୁ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ପ୍ରମୋଦ କୁମାର ପ୍ରଧାନ, ଅଶ୍ୱିନୀ କୁମାର ଦେବତା, ସୁଶାନ୍ତ କୁମାର ମିଶ୍ର, ରଜତ ରଞ୍ଜନ ଦାଶ, ପ୍ରାଣବନ୍ଧୁ ସାହୁ, ପ୍ରମୋଦ କୁମାର ମାଝି, ମମତା ପଟ୍ଟନାୟକ, ଜିତେନ୍ଦ୍ର କୁମାର ସାହୁ, ପରମାନନ୍ଦ ମିଶ୍ର, ଦିଲୀପ କୁମାର ଦାସ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ଉପସ୍ଥିତ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ